# ସତ୍ୟବାଣୀ

# THE VOICE OF TRUTH

**Jan & Feb 1997**

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth

**CHURCH OF CHRIST**
**P.O. Box No. 80, KAKINADA,**
**A.P. - 533 001**
**Ph. 0884 - 63722**

**Vol. 2 Jan & Feb 1997 No. 1**

Published every two months in Oriya Language for the Restoration of pure New Testament Christianity

## ORIYA BIBLES

We supply Oriya Bibles at Rs. 35/- each and Rs. 15/- for postage. please send Rs. 50/- by M.O. if you are in need of Oriya Bibles to:

**SATYA VANI**

P.O. Box. 80, KAKINADA - 533 001.

ସତ୍ୟ ବାଣୀ

# VOICE OF TRUTH

**7th issue Jan. February, 97 Nov. December**

## ଆଧୁନିକ ଫାରୁଶୀ ଓ ସାଦ୍ଦୂକୀ

## ( The new Pharisees and Sadducees )

ଯୀଶୁଖ୍ରୀଷ୍ଟ ମୋଶାଙ୍କ ବ୍ୟବସ୍ଥା ପ୍ରଚଳନରେ ଥିବା ସମୟରେ ଜନ୍ମି, ଜୀବନଯାପନ କରି, ସେହି ବ୍ୟବସ୍ଥାର ସମୟରେ ମୃତ୍ୟୁ ଭୋଗିଥିଲେ । ସେ ମୋଶାଙ୍କ ବ୍ୟବସ୍ଥା ଲୋପ ନକରି, ବରଂ ପାଳନ କରିବାକୁ ଏହି ଜଗତକୁ ଆସିଥିଲେ । (ମାଥିଉ ୫ : ୧୭-୧୮) । ଶରୀରଧାରୀ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟ ମୋଶାଙ୍କ ବ୍ୟବସ୍ଥା ସୂକ୍ଷ୍ମରୂପେ ପାଳନ କରୁଥିଲେ । କିନ୍ତୁ ତାହାଙ୍କ ସମୟରେ ଯିହୁଦୀମାନେ ଫାରୁଶୀ ଓ ସାଦ୍ଦୂକୀ ନାମରେ ଦୁଇ ଭାଗରେ ବିଭକ୍ତ ହୋଇଥିଲେ । ଫାରୁଶୀମାନେ ଗତନଭରେ ଆବଦ୍ଧ, ତଥା ପୁନରୁତ୍ଥାନ ଓ ଦୂତମାନଙ୍କଠାରେ ବିଶ୍ୱାସ କରୁଥିଲେ । କିନ୍ତୁ ସାଦ୍ଦୂକୀମାନଙ୍କ ଏପରି କୌଣସି ବିଷୟ ଉପରେ ବିଶ୍ୱାସ ନଥିଲା । ଫାରୁଶୀ ଓ ସାଦ୍ଦୂକୀମାନେ ମୋଶାଙ୍କ ବ୍ୟବସ୍ଥାରେ ଅନେକ ପ୍ରଥା, ନୀତି ନିୟମ ଯୋଗ ଓ ବିୟୋଗ କରି ଈଶ୍ୱରଙ୍କ ବାକ୍ୟ ବିକୃତ କରିଥିଲେ । ତେଣୁ କରି ଯୀଶୁଖ୍ରୀଷ୍ଟ ସେମାନଙ୍କ ଆଚାର ବ୍ୟବହାର ଓ ସେମାନଙ୍କ ଶିକ୍ଷାକୁ ନିନ୍ଦା କରୁଥିଲେ ।

ଯୀଶୁଖ୍ରୀଷ୍ଟ ଓ ଏହି ବର୍ଗ ଲୋକମାନଙ୍କ ମଧ୍ୟରେ ଘଟିଥିବା କେତୋଟି ଘଟଣାବଳୀ ଆମ୍ଭେମାନେ ବାଇବଲରେ ପଢ଼ିଥାଉଁ । "ସେ କଥା କହିବା ସମୟରେ ଜଣେ ଫାରୁଶୀ ତାହାଙ୍କୁ ଦିନବେଳେ ଆପଣା ଗୃହରେ ପ୍ରବେଶ କରି ଭୋଜନରେ ବସିଲେ । କିନ୍ତୁ ଭୋଜନ କରିବା ପୂର୍ବେ ସେ ଯେ ପ୍ରଥମେ ସ୍ନାନ କରି ନଥିଲେ । ଏହା ଦେଖି ସେହି ଫାରୁଶୀ ଚମତ୍କୃତ

କହିଲେ । ସେଥିରେ ପ୍ରଭୁ ତାଙ୍କୁ କହିଲେ, ତୁମ୍ଭେ ଫାରୂଶୀ ଯାକ ଗିନା ଗିନା ଓ ଥାଳୀର ବାହାର ପରିଷ୍କାର କରୁଥାଅ, ମାତ୍ର ତୁମ୍ଭମାନଙ୍କ ଭିତର ଲୁଣ୍ଠନ କର୍ମ ଓ ଦୁଷ୍ଟତାରେ ପରିପୂର୍ଣ୍ଣ । ହେ ନିର୍ବୋଧମାନେ, ଯେ ବାହାର ସୃଷ୍ଟି କଲେ, ସେ କି ଭିତର ମଧ୍ୟ ସୃଷ୍ଟି କଲେ ନାହିଁ ? ବରଞ୍ଚ ଭିତରେ ଯାହା ୨ ଅଛି, ସେ ସବୁ ଦାନ କର, ଆଉ ଦେଖ, ତୁମ୍ଭମାନଙ୍କ ପକ୍ଷରେ ସମସ୍ତ ପରିଷ୍କୃତ । କିନ୍ତୁ ହାୟ ! ଦଣ୍ଡର ପାତ୍ର ଫାରୂଶୀମାନେ କାରଣ ତୁମ୍ଭେମାନେ ସମାଜ ଗୃହରେ ପ୍ରଧାନ ଆସନ ଓ ହାଟ ବଜାରରେ ନମସ୍କାର ପାଇବାକୁ ଭଲ ପାଅ । ହାୟ ! ତୁମ୍ଭେମାନେ ଦଣ୍ଡର ପାତ୍ର, କାରଣ ତୁମ୍ଭେମାନେ ଅଦୃଶ୍ୟ ସମାଧି ତୁଲ୍ୟ, ତାହା ଉପରେ ଗତାୟତକାରୀ ଲୋକମାନେ ତାହା ସମାଧି ବୋଲି ଜାଣନ୍ତି ନାହିଁ ।" (ଲୂକ ୧୧ : ୩୭ – ୪୪)

ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ସତର୍କ କରି କହିଲେ, "ସତର୍କ ହୁଅ, ଫାରୂଶୀ ଓ ସାଦ୍ଦୂକୀମାନଙ୍କ ଖମୀର ଠାରୁ ସାବଧାନ ହୋଇଥାଅ ।" (ମାଥିଉ ୧୬ : ୬) । ସେମାନଙ୍କ କପଟପଣକୁ ନିନ୍ଦା କରି କହନ୍ତି, "ହାୟ ! ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୂଶୀମାନେ, କାରଣ ତୁମ୍ଭେମାନେ ମନୁଷ୍ୟମାନଙ୍କ ସମ୍ମୁଖରେ ସ୍ୱର୍ଗରାଜ୍ୟ ରୁଦ୍ଧ କରୁଥାଅ । ତୁମ୍ଭେମାନେ ତ ନିଜେ ପ୍ରବେଶ କରୁନାହଁ, ପୁଣି ପ୍ରବେଶ କରିବାକୁ ଇଚ୍ଛୁକ ଲୋକମାନଙ୍କୁ ସୁଦ୍ଧା ପ୍ରବେଶ କରାଇ ଦେଉନାହଁ । ହାୟ ! ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୂଶୀମାନେ, କାରଣ ତୁମ୍ଭେମାନେ ଛଳରେ ଦୀର୍ଘ ପ୍ରାର୍ଥନା କରିବା ସଙ୍ଗେ ୨ ବିଧବା ମାନଙ୍କର ଗୃହ ସବୁ ଗ୍ରାସ କରୁଥାଅ; ଏଣୁ ତୁମ୍ଭେମାନେ ଗୁରୁତର ଦଣ୍ଡ ପାଇବ । ହାୟ ! ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୂଶୀମାନେ, କାରଣ ତୁମ୍ଭେମାନେ ଜଣକୁ ତୁମ୍ଭମାନଙ୍କ ଧର୍ମାବଲମ୍ବୀ କରିବା ପାଇଁ ଜଳ ସ୍ଥଳ ଭ୍ରମଣ କରୁଥାଅ, ପୁଣି ଯେତେବେଳେ ସେ ହୁଏ, ସେତେବେଳେ ତାହାକୁ ତୁମ୍ଭମାନଙ୍କ ଅପେକ୍ଷା ଦୁଇ ଗୁଣ ନରକପାତ୍ର କରୁଥାଅ ।" (ମାଥିଉ ୨୩ : ୧୩–୧୫) । ପୁନର୍ବାର ଯୀଶୁ କହନ୍ତି, "ରେ ଅନ୍ଧ ପଥ ପ୍ରଦର୍ଶକମାନେ, ତୁମ୍ଭେମାନେ ମଶାକୁ ଛାଣୁଥାଅ, କିନ୍ତୁ ଓଟକୁ ଗିଳୁଥାଅ । ହାୟ ! ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୂଶୀମାନେ, କାରଣ ତୁମ୍ଭେମାନେ ଗିନା ଓ ଥାଳିର ବାହାର ପରିଷ୍କାର କରୁଥାଅ, ମାତ୍ର ଭିତରେ ସେଗୁଡ଼ାକ ଲୁଣ୍ଠନକର୍ମ ଓ ଇନ୍ଦ୍ରିୟ

ଅପବିତ୍ରତାରେ ପରିପୂର୍ଣ୍ଣ । ହେ ଅନ୍ଧ ଫାରୂଶୀ, ଅଗ୍ରେ ଗିନାର ଭିତର ପରିଷ୍କାର କର, ଯେପରି ସେଥିର ବାହାର ମଧ୍ୟ ପରିଷ୍କୃତ ହେବ । ହାୟ ! ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୂଶୀମାନେ, କାରଣ ତୁମ୍ଭେମାନେ ଶୁକ୍ଳୀକୃତ ସମାଧି ସ୍ୱରୂପ । ତାହା ବାହାରେ ସୁନ୍ଦର ଦେଖାଯାଏ, କିନ୍ତୁ ଭିତରେ ମୃତମାନଙ୍କ ଅସ୍ଥି ଓ ସର୍ବ ପ୍ରକାର ଅଶୁଚିତାରେ ପରିପୂର୍ଣ୍ଣ । ସେହି ପ୍ରକାରେ ତୁମ୍ଭେମାନେ ମଧ୍ୟ ବାହାରେ ଲୋକଙ୍କ ଦୃଷ୍ଟିରେ ଧାର୍ମିକ ଦେଖାଯାଅ, କିନ୍ତୁ ଭିତରେ କପଟ ଓ ଅଧର୍ମରେ ପରିପୂର୍ଣ୍ଣ । ହାୟ, ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୂଶୀମାନେ, କାରଣ ତୁମ୍ଭେମାନେ ଭାବବାଦୀମାନଙ୍କର ସମାଧି ନିର୍ମାଣ କରି ଓ ଧାର୍ମିକମାନଙ୍କ ସମାଧି ସ୍ତମ୍ଭ ସୁଶୋଭିତ କରି କହୁଥାଅ । ଆମ୍ଭେମାନେ ଯେବେ ଆମ୍ଭମାନଙ୍କର ପିତୃପୁରୁଷଙ୍କ ସମୟରେ ଥାଆନ୍ତୁ । ତେବେ ଭାବବାଦୀମାନଙ୍କ ରକ୍ତପାତରେ ସେମାନଙ୍କ ସହଭାଗୀ ହୋଇ ନ ଥା'ନ୍ତୁ । ଏଣୁ ତୁମ୍ଭେମାନେ ଯେ ଭାବବାଦୀମାନଙ୍କ ହତ୍ୟାକାରୀମାନଙ୍କର ସନ୍ତାନ ଅଟ, ସେ ସମ୍ବନ୍ଧରେ ତୁମ୍ଭେମାନେ ହିଁ ଆପଣା ୨ ବିଷୟରେ ସାକ୍ଷ୍ୟ ଦେଉଅଛ । ତୁମ୍ଭେମାନେ ନିଜ ୨ ପିତୃପୁରୁଷଙ୍କର ପରିମାଣ ପୂର୍ଣ୍ଣ କର । ଆରେ ସର୍ପ ଗୁଡ଼ାକ, ଆରେ କାଳସର୍ପର ବଂଶ, ତୁମ୍ଭେମାନେ କି ପ୍ରକାରେ ନରକ ଦଣ୍ଡରୁ ରକ୍ଷା ପାଇବ ?" (ମାଥିଉ ୨୩ : ୨୪-୩୩) । ଏହିସବୁ କାରଣ ଯୋଗୁଁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ସତର୍କ କରି କହନ୍ତି, "ତୁମ୍ଭମାନଙ୍କ ଧାର୍ମିକତା ଶାସ୍ତ୍ରୀ ଓ ଫାରୂଶୀମାନଙ୍କ ଧାର୍ମିକତା ଅପେକ୍ଷା ଅଧିକ ବେଶୀ ନ ହେଲେ ତୁମ୍ଭେମାନେ କୌଣସି ପ୍ରକାରେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବ ନାହିଁ ।" (ମାଥିଉ ୫ : ୨୦)

ଯଦିଓ ଫାରୂଶୀ ଓ ସାଦ୍ଦୂକୀମାନେ ପରସ୍ପର ବିପକ୍ଷ ଦଳ ଥିଲେ, ଯୀଶୁଙ୍କୁ ଏକତ୍ର ମିଳି ବିରୋଧ କରୁଥିଲେ ବୋଲି ମାଥିଉ ୧୬ : ୧ ପଦରୁ ଜାଣିପାରୁ । ଅନ୍ୟ ଏକ ସମୟରେ "ଫାରୂଶୀମାନେ ବାହାରି ଯାଇ ତାହାଙ୍କୁ ବିନାଶ କରିବା ନିମନ୍ତେ ତାହାଙ୍କ ବିରୁଦ୍ଧରେ ସେହି କ୍ଷଣି ହେରୋଦୀୟମାନଙ୍କ ସହିତ ମନ୍ତ୍ରଣା କରିବାକୁ ଲାଗିଲେ ।" (ମାର୍କ ୩:୬) ସେ ସାଦ୍ଦୂକୀମାନଙ୍କୁ ନିରୁତ୍ତର କରି ଅଛନ୍ତି । ଏହା ଶୁଣି ଫାରୂଶୀମାନେ ଏକତ୍ର ହେଲେ, ଆଉ ସେମାନଙ୍କ ମଧ୍ୟରୁ ଜଣେ ବ୍ୟବସ୍ଥା ଶାସ୍ତ୍ରଜ୍ଞ ତାହାଙ୍କୁ ପରୀକ୍ଷା କରି ପଚାରିଲେ, ହେ ଗୁରୁ, ବ୍ୟବସ୍ଥା ମଧ୍ୟରେ କି ପ୍ରକାର ଆଜ୍ଞା

ଶ୍ରେଷ୍ଠ ?" (ମାଥିଉ ୨୨ : ୩୪-୩୬) । ସେମାନଙ୍କ ନିରନ୍ତର ଚେଷ୍ଟା ଓ ଯୀଶୁଙ୍କ ଜଣେ ଶିଷ୍ୟ (ଇଷ୍କାରିୟୋଥ ଯିହୁଦା) ହେତୁ ଯୀଶୁ ବନ୍ଦୀ ହୋଇ ପ୍ରଧାନ ଯାଜକଙ୍କ ପାଖକୁ ଆସିଲେ । ଲେଖାଯାଏ, "ପ୍ରଭାତ ହୁଅନ୍ତେ ସମସ୍ତ ପ୍ରଧାନଯାଜକ, ପୁଣି ଲୋକମାନଙ୍କର ପ୍ରାଚୀନ ବର୍ଗ ଯୀଶୁଙ୍କୁ ବଧ କରିବା ନିମନ୍ତେ ତାହାଙ୍କ ବିଷୟରେ ମନ୍ତ୍ରଣା କଲେ । ଆଉ ସେମାନେ ତାହାଙ୍କୁ ବାନ୍ଧି ନେଇଯାଇ ପିଲାତ ନାମକ ଶାସନକର୍ତ୍ତାଙ୍କ ହସ୍ତରେ ସମର୍ପଣ କଲେ ।" (ମାଥିଉ ୨୭ : ୧-୨) । ଉପରେ ଯୀଶୁ ପିଲାତଙ୍କ ଦରବାରରେ କଷ୍ଟ ଭାବେ ବିଚାରିତ ହୋଇ କ୍ରୁଶାର୍ପିତ ହେଲେ । ଅକ୍ଷୟ, ଅମର ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ମରଣ ଜୟୀ ଯୁଗେ ୨ ଜୀବିତ ଅଛନ୍ତି । କିନ୍ତୁ ବିରୋଧୀ ଦଳର ନେତାମାନେ ଯୀଶୁଖ୍ରୀଷ୍ଟଙ୍କ ଶରୀର ତାହାଙ୍କ ଶିଷ୍ୟମାନେ ଚୋରି କରି ନେଇଗଲେ ବୋଲି ମିଥ୍ୟା ପ୍ରଚାର କରିବା ନିମନ୍ତେ ସୈନ୍ୟମାନଙ୍କୁ ବହୁତ ଟଙ୍କା ଲାଞ୍ଚ ଦେଇଥିଲେ ବୋଲି ମାଥିଉ ୨୮ : ୧୨-୧୩ ପଦ ଗୁଡ଼ିକରେ ପଢ଼ିପାରୁ ।

ଫାରୂଶୀ, ସାଦ୍ଦୂକୀ ତଥା ଅନ୍ୟାନ୍ୟ ଧାର୍ମିକ ନେତାମାନଙ୍କ ଦ୍ୱାରା ଯୀଶୁଖ୍ରୀଷ୍ଟ କ୍ରୁଶାର୍ପିତ ହୋଇଥିଲେ । ଆଧୁନିକ ଯୁଗରେ ଯେଉଁମାନେ ଈଶ୍ୱର ଦତ୍ତ ସିଦ୍ଧାନ୍ତଗୁଡ଼ିକ ଅନୁସରଣ ନକରି, ଆପଣା ୨ ସିଦ୍ଧାନ୍ତ ଦ୍ୱାରା ଖ୍ରୀଷ୍ଟଙ୍କ ବାକ୍ୟକୁ କଳୁଷିତ କରୁଛନ୍ତି । ସେମାନେ ସେ କାଳର ଫାରୂଶୀ ଓ ସାଦ୍ଦୂକୀ ସଦୃଶ୍ୟ ଅଛନ୍ତି । ଏପରି ଲୋକେ ସତ୍ୟ ବାକ୍ୟର ତଥା ସତ୍ୟ ବାକ୍ୟ ପ୍ରଚାର କରୁଥିବା ଖ୍ରୀଷ୍ଟଙ୍କ ମଣ୍ଡଳୀର ବିରୋଧୀ ଅଛନ୍ତି । ଈଶ୍ୱର ଦତ୍ତ ବାକ୍ୟରେ ଆପଣା ସିଦ୍ଧାନ୍ତ ଯୋଗ ବିୟୋଗ କରି ତାହାଙ୍କ ବାକ୍ୟ ବିକୃତ କରି ଈଶ୍ୱରଙ୍କ ବିରୋଧୀ ନ ହେବାକୁ ଆମ୍ଭେମାନେ ଆପଣା ଆପଣାକୁ ସତର୍କ କରୁ । ନଚେତ୍ ଆମ୍ଭେମାନେ "ଆଧୁନିକ ଫାରୂଶୀ ଓ ସାଦ୍ଦୂକୀ" ରୂପେ ଈଶ୍ୱରଙ୍କ ଦ୍ୱାରା ଗଣିତ ହେବୁ ।

—J. C. Choate

# ଅବାଧ୍ୟତାର ଫଳ

## ( A Defeat Because of Sin )

ସୈନ୍ୟାଧିପତି ସଦାପ୍ରଭୁ ଅବ୍ରାହମଙ୍କୁ କରିଥିବା ପ୍ରତିଜ୍ଞାନୁଯାୟୀ ଆପଣା ବାହୁବଳ ଦ୍ୱାରା ଇଶ୍ରାୟେଲ ଜାତିକୁ ମିଶରର ଦାସତ୍ୱରୁ ମୁକ୍ତ କଲେ । ମୋଶାଙ୍କ ମୃତ୍ୟୁ ପରେ ଇଶ୍ରାୟେଲର ନେତୃତ୍ୱର ଭାର ଯିହୋଶୂୟଙ୍କ ସ୍କନ୍ଧରେ ପଡ଼ିଲା । ଈଶ୍ୱରଙ୍କ ଯୋଜନାନୁଯାୟୀ ଯିରୀହୋ ନଗର ଇଶ୍ରାୟେଲ ମାନଙ୍କ ହସ୍ତଗତ ହେଲା । ରାହାବ ବେଶ୍ୟା ଓ ତାହାଙ୍କ ପରିବାର ବ୍ୟତୀତ ନଗରର ପ୍ରତ୍ୟେକ ପ୍ରାଣୀ ଇଶ୍ରାୟେଲୀୟମାନଙ୍କ ଖଡ୍ଗ ଧାରର ଶୀକାର ହେଲେ । ନଗରର ସମସ୍ତ ରୂପା, ସୁନା, ପିତ୍ତଳ ଓ ଲୁହାର ପାତ୍ର ସଦାପ୍ରଭୁଙ୍କ ଭଣ୍ଡାରରେ ସଞ୍ଚୟ କରିବା ନିମନ୍ତେ ସଦାପ୍ରଭୁ ଆଜ୍ଞା ଦେଇଥିଲେ । (ଯିହୋଶୂୟ ୬ : ୧୭-୧୯) । ଈଶ୍ୱରଙ୍କ ସହିତ ମନୁଷ୍ୟର ପ୍ରତ୍ୟେକ ନୂତନ ସମ୍ବନ୍ଧର ଆରମ୍ଭରେ । ଶୟତାନ ମନୁଷ୍ୟକୁ ପଥଭ୍ରଷ୍ଟ କରିବାରେ ଚେଷ୍ଟା କରେ ବୋଲି ଲେଖକ **Lesile G. Thamas** ଆପଣା ପୁସ୍ତକରେ ମତ ପ୍ରକାଶ କରିଅଛନ୍ତି । ଉଦାହରଣ ସ୍ୱରୂପ— ଆଦମ ଓ ହବାଙ୍କୁ ଶୟତାନ ଏଦନ ଉଦ୍ୟାନରେ ପ୍ରଲୋଭିତ କରିଥିଲା । ସଦାପ୍ରଭୁଙ୍କୁ ମନୁଷ୍ୟ ଉପାସନା କରିବାର ପ୍ରାଥମିକ ବେଳାରେ କୟିନ ଶୟତାନର ଛଳନାର ଶୀକାର ହୋଇଥିଲେ । ମୋଶାଙ୍କ ବ୍ୟବସ୍ଥା ପାଳନର ପ୍ରାରମ୍ଭ ସମୟରେ ନାଦବ ଓ ଅବୀହୂ ଅବାଧ୍ୟତା ଯୋଗୁଁ ଯଜ୍ଞ ବେଦି ସମ୍ମୁଖରେ ଅଗ୍ନି ଗ୍ରାସରେ ମୃତ୍ୟୁ ଭୋଗିଲେ । ମଣ୍ଡଳୀ ସ୍ଥାପନର ପ୍ରଥମ ଶତାବ୍ଦୀରେ ଶୟତାନର କପଟତାର ଅନୁସରଣ କରି ହନନୀୟ ଓ ସଫୀରା ଶାପଗ୍ରସ୍ତ ହେଲେ । (ଆଦି ୩ : ୪, ଲେବୀ ୧୦ : ୧-୭ ଏବଂ ପ୍ରେରିତ ୫ : ୧-୧୧) । ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ରୀକୃତ ବସ୍ତୁ ଦ୍ୱାରା ଶୟତାନ ମନୁଷ୍ୟକୁ ପ୍ରଲୋଭିତ କରିଥିଲା ବୋଲି ଉପରୋକ୍ତ ପ୍ରତ୍ୟେକ ଘଟଣାରୁ ବୁଝି ପାରୁଅଛୁ । ପ୍ରତିଜ୍ଞାତ ଦେଶରେ ଇଶ୍ରାୟେଲ ପ୍ରଥମ ପଦାର୍ପଣ କରିଥିବା ନଗରରେ ମଧ୍ୟ ଶୟତାନ ମନୁଷ୍ୟକୁ ପାପରେ ପକାଇବା ନିମନ୍ତେ ଆପଣା ପୁରାତନ ଅସ୍ତ୍ର ବ୍ୟବହାର କରିଥିଲା । ସଦାପ୍ରଭୁଙ୍କ

ଉଦ୍ଦେଶ୍ୟରେ ପବିତ୍ରୀକୃତ ବସ୍ତୁ ଗୁଡ଼ିକ ଦ୍ୱାରା ଶମ୍ବୁଶାନର ଦ୍ରାକ୍ଷାକ୍ଷେତ୍ର ନାମକ ଅୟ ଇଶ୍ରାଏଲ ଛାଉଣୀକୁ ପ୍ରବେଶ କରିଥିଲା ।

ଯିହୁଦା ବଂଶୀୟ ସେରହର ପ୍ରପୌତ୍ର, ସବ୍‌ଦିର ପୁତ୍ର ଆଖନ ବର୍ଜିତ ବସ୍ତୁ ବିଷୟରେ ସଦାପ୍ରଭୁଙ୍କ ଦତ୍ତ ଆଜ୍ଞାଲଂଘନ କଲା । ଏହି ଆଖନର ନାମ, ୧ମ ବଂଶାବଳୀ ୨ : ୭ ରେ ଆଖର ବୋଲି କୁହାଯାଇ ଅଛି । ଯାହାର ଅର୍ଥ ଦୁଃଖଦାୟକ । ଈଶ୍ୱରଙ୍କ ଆଜ୍ଞାଲଂଘନ କରି ଆଖନ ସମୁଦାୟ ଇଶ୍ରାଏଲ ଜାତି ନିମନ୍ତେ ଦୁଃଖର କାରଣ ହେଲା । ଶରୀରର କୌଣସି ଅଙ୍ଗ କ୍ଷତ ହେଲେ ସମସ୍ତ ଶରୀର ଯେପରି କଷ୍ଟ ଅନୁଭବ କରେ, ସେହିପରି ଭାବରେ ଆଖନଙ୍କ ଆଜ୍ଞାଲଂଘନ ସମୁଦାୟ ଇଶ୍ରାଏଲ ଜାତିକୁ କ୍ଲେଶ ଦେଇଥିଲା । ଆଖନଙ୍କ ଆଜ୍ଞାଲଂଘନ ବିଷୟରେ ଯିହୋଶୂୟ ଅଜ୍ଞାତ ଥିବାରୁ ଅୟ ନଗର ଅନୁସନ୍ଧାନ କରିବା ନିମନ୍ତେ ଗୁପ୍ତଚରଙ୍କୁ ପଠାଇଲେ । ଅୟ ନଗରର ଜନସଂଖ୍ୟା ଅଳ୍ପ ଥିବାରୁ, ୨,୦୦୦ ବା ୩,୦୦୦ ଲୋକଙ୍କ ଦ୍ୱାରା ନଗର ହସ୍ତଗତ କରି ପାରିବେ ବୋଲି ସେହି ଗୁପ୍ତଚରମାନେ ଆସି ଯିହୋଶୂୟଙ୍କୁ ଜଣାଇଲେ । ଯିରୀହୋ ନଗରର ବିଜୟୀ ଯିହୋଶୂୟ ଦୃଢ଼ ବିଶ୍ୱାସ ଓ ସାହସରେ ଅୟ ନଗର ହସ୍ତଗତ କରିବା ନିମନ୍ତେ ତିନି ସହସ୍ର ଯୋଦ୍ଧାଙ୍କୁ ପଠାଇଲେ । କିନ୍ତୁ ଅୟ ନିବାସୀ ସେମାନଙ୍କ ମଧ୍ୟରୁ ଛତିଶି ଲୋକଙ୍କୁ ଆଘାତ କରି ଇଶ୍ରାଏଲ ଛାଉଣୀକୁ ଉପସ୍ଥିତ କଲେ ।

ଇଶ୍ରାଏଲ ସଦାପ୍ରଭୁଙ୍କ ଆଜ୍ଞାଲଂଘନ କରିବା ହେତୁ ଅୟ ନଗରବାସୀଙ୍କ ଦ୍ୱାରା ପରାଜିତ ହେଲେ । ଯିହୋଶୂୟ ସଦାପ୍ରଭୁଙ୍କ ନିୟମ ସିନ୍ଦୁକ ସମ୍ମୁଖରେ ଅଧୋମୁଖ ହୋଇ ପଡ଼ି ରହି ଆପଣ ମସ୍ତକ ଉପରେ ଧୂଳି ପକାଇଲେ ନିବେଦନ କରି କହିଲେ, "ହାୟ ହାୟ ହେ ପ୍ରଭୋ, ସଦାପ୍ରଭୋ, ତୁମ୍ଭେ ଏହି ଲୋକମାନଙ୍କୁ ଯର୍ଦ୍ଦନ ପାର କରାଇ ଆଣିଲ କାହିଁକି, କି ଆମ୍ଭମାନଙ୍କୁ ଇମୋରୀୟମାନଙ୍କ ହସ୍ତରେ ସମର୍ପଣ କରି ବିନାଶ କରିବାକୁ ? ଆହା, ଯେବେ ଆମ୍ଭେମାନେ ସନ୍ତୁଷ୍ଟ ହୋଇ ଯର୍ଦ୍ଦନ ସେପାରରେ ରହିଥାନ୍ତୁ ! ହେ ପ୍ରଭୋ, ମୁଁ କଅଣ କହିବି, ଇସ୍ରାଏଲ ତ ଶତ୍ରୁ ସମ୍ମୁଖରୁ ପିଠି କରି ଆସିଲାଣି । କାରଣ କିଣାନୀୟମାନେ ଓ ଏ ଦେଶ

ନିବାସୀ ସମସ୍ତେ ଶୁଣିବେ, ପୁଣି ଆମ୍ଭମାନଙ୍କୁ ଚାରିଆଡ଼େ ଘେରି ପୃଥିବୀରୁ ଆମ୍ଭମାନଙ୍କ ନାମ ଉଚ୍ଛିନ୍ନ କରିବେ, ତହିଁରେ ତୁମ୍ଭେ ଆପଣା ମହାନାମ ନିମନ୍ତେ କଅଣ କରିବ ? (ଯିହୋଶୂୟ ୭ : ୭-୯)

ସଦାପ୍ରଭୁଙ୍କ ନିୟମ-ସିନ୍ଦୁକ ସମ୍ମୁଖରେ ଯିହୋଶୂୟଙ୍କ ଆର୍ତ୍ତନାଦ ସଦାପ୍ରଭୁ ଶୁଣି ଉତ୍ତର ଦେଇଥିଲେ । ତାହାଙ୍କ ଉତ୍ତରକୁ ଆମେ ତିନି ଭାଗରେ ବିଭକ୍ତ କରିପାରୁ । ସର୍ବ ପ୍ରଥମ ତାହାଙ୍କୁ ଅଧୋମୁଖ ନ ହୋଇ ଉଠିବା ନିମନ୍ତେ ସଦାପ୍ରଭୁ ଆଦେଶ ଦେଇଥିଲେ । ୨) ଯିରୀହୋର ଧାତୁ ନିର୍ମିତ ବସ୍ତୁ ବିଷୟ ସଦାପ୍ରଭୁଙ୍କ ଆଜ୍ଞା ଇଶ୍ରାୟେଲ ଲଂଘନ କରି ତାହାଙ୍କ କ୍ରୋଧର ପାତ୍ର ହୋଇଥିଲେ ବୋଲି ସେମାନେ ଜାଣିବା ଆବଶ୍ୟକ ଥିଲା । ସମୟେ ୨ ସଦାପ୍ରଭୁ ଲୁଣ୍ଠ ଦ୍ରବ୍ୟରୁ ଆପଣା ୨ ନିମନ୍ତେ ନେବା ପାଇଁ ଆଜ୍ଞା କରିଥିଲେ । (୨ୟ ବିବରଣ ୨୦ : ୧୦-୧୪, ଯିହୋଶୂୟ ୮ : ୧-୨) । କିନ୍ତୁ ଯିରୀହୋ ନଗରର ସମସ୍ତ ଧାତୁ ପାତ୍ର ସଦାପ୍ରଭୁଙ୍କ ଭଣ୍ଡାରରେ ସଞ୍ଚୟ କରିବାର ଆଜ୍ଞା ଦିଆଯାଇଥିଲା । ୩) ତୃତୀୟରେ, ଇଶ୍ରାୟେଲ ସମାଜକୁ ପବିତ୍ର କରିବା ନିମନ୍ତେ ସଦାପ୍ରଭୁ ଆଜ୍ଞା ଦେଲେ "ଉଠ, ଲୋକମାନଙ୍କୁ ପବିତ୍ର କର, ଆଉ କୁହ ତୁମ୍ଭେମାନେ କାଲି ପାଇଁ ଆପଣା ଆପଣାକୁ ପବିତ୍ର କର, କାରଣ ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର ଏହି କଥା କହନ୍ତି, ହେ ଇସ୍ରାଏଲ, ତୁମ୍ଭ ମଧ୍ୟରେ ବର୍ଜିତ ବସ୍ତୁ ଅଛି, ଆପଣା ମଧ୍ୟରୁ ସେହି ବର୍ଜିତ ବସ୍ତୁ ଦୂର କରିବା ଯାଏ ତୁମ୍ଭେମାନେ ଆପଣା ଶତ୍ରୁମାନଙ୍କ ସମ୍ମୁଖରେ ଠିଆ ହୋଇ ପାରିବ ନାହିଁ ।" (ଯିହୋଶୂୟ ୭ : ୧୩)

ତହିଁ ପରଦିନ ସଦାପ୍ରଭୁଙ୍କ ଆଦେଶାନୁଯାୟୀ ଇଶ୍ରାୟେଲର ପ୍ରତ୍ୟେକ ବଂଶ ତାହାଙ୍କ ସମ୍ମୁଖକୁ ଅଣାଗଲା । ତହିଁରୁ ଯିହୁଦା ବଂଶ, ସେରହ ଗୋଷ୍ଠୀର । ସବ୍ଦି ପରିବାର କର୍ମିର ପୁତ୍ର ଆଖନ୍ ମାର୍ଗିତ ହେଲା । ଆଖନ୍ ଆପଣା ପାପ ସ୍ୱୀକାର କରି କହିଲା, "ମୁଁ ଲୁଣ୍ଠିତ ଦ୍ରବ୍ୟ ମଧ୍ୟରୁ ଖଣ୍ଡିଏ ବାବିଲୀୟ ବସ୍ତ୍ର ଓ ଦୁଇଶ ଶେକଲ ରୂପା ଓ ପଚାଶ ଶେକଲ ପରିମିତ ଏକ ସୁନା ମୁଣ୍ଡା ଦେଖି ଲୋଭ କରି ତାହା ନେଲି, ଆଉ ଦେଖ ସେସବୁ ମୋ ତମ୍ବୁ ମଧ୍ୟରେ ଭୂମିରେ ପୋତା ଅଛି । ଆଉ ରୂପା ତହିଁ

ଛନ୍ତି ଅଛି ।" (ଯିହୋଶୂୟ ୭ : ୨୧) । ସଦାପ୍ରଭୁ ଆଖନ୍‌ର ପାପ ପୂର୍ବରୁ ଜାଣିଥିଲେ, କିନ୍ତୁ ଇଶ୍ରାୟେଲ ସମାଜ ସମ୍ମୁଖରେ ତାହାଙ୍କ ଦ୍ୱାରା ସ୍ୱୀକାର କରାଇଥିଲେ । ଆଖନ୍ ଆପଣା ପାପ ବର୍ଣ୍ଣନା କରି କହିଲେ, "ଦେଖିଲି"... "ଲୋଭ କଲି" .. ଓ "ନେଲି" । ପ୍ରେରିତ ଯୋହନ ଶୟତାନର ଏହି ତିନୋଟି ଅସ୍ତ୍ର, ଶାରୀରିକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ ବିଷୟରେ ଆମ୍ଭମାନଙ୍କୁ ଆପଣା ପତ୍ର ମାଧ୍ୟମରେ ସତର୍କ କରନ୍ତି (୧ମ ଯୋହନ ୨ : ୧୫-୧୭) । ପାଉଲ ମଧ୍ୟ ୧ମ କରିନ୍ଥ ୭ : ୯-୧୦, କଲସୀ ୩ : ୫, ଏଫିସୀ ୪ : ୨୮ ପଦ ଗୁଡ଼ିକ ଦ୍ୱାରା ପ୍ରତ୍ୟେକ ଯୁଗର ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ଶୟତାନର ଏହି ଅସ୍ତ୍ର ବିଷୟରେ ସତର୍କ କରି ଆସୁଅଛନ୍ତି । ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର ବସ୍ତୁ ଆଖନ ଲୋଭ କରି ହରଣ କରିଥିବାରୁ ସେ ସୈନ୍ୟାଧିପତି ସଦାପ୍ରଭୁଙ୍କ ସମ୍ପଦ ଲୁଟି ସମୁଦାୟ ଇଶ୍ରାୟେଲର ଦୁଃଖର କାରଣ ହୋଇଥିଲି ।

ଦ୍ୱିତୀୟ ବିବରଣ ୨୪ : ୧୬ ପଦରେ ସନ୍ତାନମାନଙ୍କ ପାଇଁ ପିତୃଗଣର ପ୍ରାଣଦଣ୍ଡ ହେବନାହିଁ, କିଅବା ପିତୃଗଣ ପାଇଁ ସନ୍ତାନମାନଙ୍କର ପ୍ରାଣଦଣ୍ଡ ହେବ ନାହିଁ ବୋଲି ଲେଖାଯାଇ ଅଛି । ଆଖନଙ୍କ ସନ୍ତାନମାନେ ତାହାଙ୍କ ପାପର ସହଭାଗୀ ହୋଇଥିଲେ ସେମାନେ ମଧ୍ୟ ମୃତ୍ୟୁଯୋଗ୍ୟ । ୨୫ ପଦରେ "ଇଶ୍ରାୟେଲ 'ତାହାକୁ' ପ୍ରସ୍ତରାଘାତ କରି ବଧ କଲେ, ପୁଣି ସେମାନେ ସେସବୁ ଅଗ୍ନିରେ ଦଗ୍ଧ କରି ପ୍ରସ୍ତରରେ ପୋତି ପକାଇଲେ ।" ବୋଲି ଲେଖାଯାଏ । ଏଠାରେ 'ସେସବୁ'ର ଅର୍ଥ ଲୁଟିତ ବସ୍ତୁ ଗୁଡ଼ିକ ବୋଲି ମଧ୍ୟ ଭାବ ପ୍ରକାଶ କରେ । ସେ ଯା' ହେଉ ଆଖନଙ୍କ ପାପ ନିମନ୍ତେ ସମସ୍ତ ଇଶ୍ରାୟେଲ ସମାଜ ଦୁଃଖ ପାଇଲେ । ତା ସଙ୍ଗେ ୨ ସଦାପ୍ରଭୁଙ୍କ ଆଜ୍ଞାନୁଯାୟୀ ସମସ୍ତ ସମାଜ ତାହାଙ୍କୁ ପ୍ରସ୍ତରାଘାତରେ ଦଣ୍ଡ ଦେଲେ । ଏହିପରି ଭାବେ ଇଶ୍ରାୟେଲ ସମାଜ ମଧ୍ୟରୁ ପାପ ଦୂରୀକୃତ ହୋଇ ସେମାନେ ସଦାପ୍ରଭୁଙ୍କ କୃପାରେ ପୁନର୍ବାର ପବିତ୍ରୀକୃତ ହୋଇଥିଲେ ।

—GARY C. HAMPTON

# ଖ୍ରୀଷ୍ଟଙ୍କ ପ୍ରେରିତ ଗଣ

## ( The Apostles of Christ )

ଖ୍ରୀଷ୍ଟଙ୍କ ପ୍ରେରିତମାନଙ୍କ ବିଷୟରେ ଆମେ ବାଇବଲରେ ପଢ଼ି ପାରୁ । ପ୍ରେରିତ ପଦ "ଆପୋଷ୍ଟଲିନ୍" ବୋଲି ଗ୍ରୀକ୍ ପଦରୁ ଆନୀତ । ପ୍ରେରିତ ଅର୍ଥ ପ୍ରେରେପିତ ହେବା ବ୍ୟକ୍ତି କିମ୍ବା ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ନିମନ୍ତେ ପ୍ରେରେପିତ ହେବା ଏହାର ଅର୍ଥ । ସୁସମାଚାର ପ୍ରଚାର କରିବା ନିମନ୍ତେ ଯୀଶୁ ୧୨ ଜଣଙ୍କୁ ମନୋନୀତ କଲେ (ମାର୍କ ୩ : ୧୪) । ତେଣୁ ସେମାନେ ପ୍ରେରିତ ବୋଲି ଡକାଗଲେ । ପ୍ରେରିତମାନଙ୍କ ବିଷୟରେ ଆମେ ଯଥା ଯୋଗ୍ୟ ମନୋଯୋଗ କରି ନଥାଉ । ସେମାନଙ୍କ ସମ୍ବନ୍ଧରେ ଯେତିକି ଜାଣିବା କଥା ସେତିକି ଆମେ ଜାଣିପାରୁ ନଥାଉ । ଯୀଶୁ ସେମାନଙ୍କୁ ମନୋନୀତ କରି; ସେମାନଙ୍କୁ ସେ ଅତି ଆଗ୍ରହରେ ତାଲିମ ଦେଇଥିଲେ । ଏତିକି ମାତ୍ର ନୁହେଁ, ଏ ଜଗତରେ ପ୍ରଚାର କରୁଥିବା ସମୟରେ ସେ ସେମାନଙ୍କ ଠାରୁ କେତେ ବାଧା ସହ୍ୟ କଲେ ଏବଂ ସମଗ୍ର ଜଗତରେ ସୁସମାଚାର ପ୍ରଚାର କରିବା ଭାର ସେମାନଙ୍କ ଉପରେ ଥୋଇଲେ । ଏଣୁ ସେମାନଙ୍କ ଆଦର୍ଶ ଆମ୍ଭେମାନେ ଅନୁସରଣ କରୁ ।

ସେହି ୧୨ ଜଣ ପ୍ରେରିତମାନଙ୍କ ନାମ ଏହି : ଶିମୋନ ପିତର, ଯାକୁବ, ଯୋହନ, ଆନ୍ଦ୍ରିୟ, ଫିଲିପ୍ପ, ବାର୍ଥଲମୀ, ମାଥିଉ, ଥୋମା, ଆଲଫିଙ୍କ ପୁତ୍ର ଯାକୁବ, ଥଦ୍ଦୀୟ, କିଣାନୀୟ ଶିମୋନ, ଇଷ୍କାରିୟୋଥ ଯିହୁଦା (ମାର୍କ ୩ : ୧୬-୧୯) । ଏହି ବାରଜଣ ପ୍ରେରିତ ସେହି ସମୟର ଯିହୁଦୀ ଧର୍ମଗୁରୁ ଦ୍ୱାରା ନିର୍ବାଚିତ କିମ୍ବା ନିମ୍ନଜାତିରୁ ମଧ୍ୟ ନିର୍ବାଚିତ ହୋଇ ନାହାନ୍ତି । କିନ୍ତୁ ସେମାନେ ସାମାନ୍ୟ ପ୍ରଜାମାନଙ୍କ ଠାରୁ ନିର୍ବାଚିତ ହେଲେ । ରବ୍ବିମାନଙ୍କ ପରି ସେମାନେ ବିଦ୍ୟାବନ୍ତ ନୁହନ୍ତି କିମ୍ବା ଅଶିକ୍ଷିତ ନୁହନ୍ତି । କାରଣ ଯିହୁଦୀ ପିଲାମାନଙ୍କୁ ସମାଜ ମନ୍ଦିରର ପାଠଶାଳାରେ ସେହି ସମୟରେ ବିଦ୍ୟା ଶିକ୍ଷା ଦିଆଯାଉଥିଲା । ଏଣୁ ସେମାନେ ବିଦ୍ୟା ନଥିବା ଅଶିକ୍ଷିତ ନୁହନ୍ତି ।

ସେମାନଙ୍କ ମଧ୍ୟରୁ କେତେକ ଅର୍ଥାତ୍ ପିତର, ଆନ୍ଦ୍ରିୟ, ଯାକୁବ ଯୋହନ ଏମାନେ କେଉଟ । ଶିମୋନଙ୍କୁ ଗୋଟିଏ ଡଙ୍ଗା ଥିଲା । ସେହି ଡଙ୍ଗାରେ ତାଙ୍କ ସହିତ ଅନ୍ୟ କେତେକ ବେତନକାରୀଙ୍କୁ ରଖିଥିଲେ । ଏଥିଦ୍ୱାରା ଜାଣିପାରୁ ଯେ, ସେମାନେ ଆର୍ଥିକ ଭାବେ ବ୍ୟବସାୟରେ ଦକ୍ଷ ନଥିଲେ (ମାର୍କ ୧ : ୧୬-୨୦, ଲୂକ ୫ : ୧-୧୧) । ମାଥିଉ ଜଣେ କରଗ୍ରାହୀ, ଅର୍ଥାତ୍ ସେ କର ଆଦାୟକାରୀ (ମାଥିଉ ୯ : ୯, ଲୂକ ୫ : ୨୭) । ପ୍ରେରିତମାନଙ୍କ ଜୀବନ ବିଷୟରେ, ସେମାନଙ୍କ ବୃତ୍ତି ବିଷ-ୟରେ ବାଇବଲ ଅତି ଅଳ୍ପ ଭାବରେ ଆମକୁ ଜଣାଉଛି । ସେମାନଙ୍କ ବ୍ୟକ୍ତିଗତ ଚରିତ୍ର ଅପେକ୍ଷା, ସେମାନଙ୍କ କାର୍ଯ୍ୟ ଏବଂ ପରିଚୟ ଆମେ ଅଧିକ ରୂପେ ଜାଣିବା ଭଲ ।

ଦ୍ରୋହି ଅପେକ୍ଷା ଦ୍ୱେଷୀ, ଆଉ କେହି ନାହିଁ । ପୁଣି ଆପଣା ମାଲିକକୁ ସମର୍ପଣ କରିବା ଲୋକର ଜୀବନ ଅଶୋଚନୀୟ । ପ୍ରେରିତମାନଙ୍କ ଦଳରୁ ଇଷ୍କାରିୟୋଥ ଯିହୁଦା ନାମ ସବୁବେଳେ ଶେଷ ଭାଗରେ ଦେଖି ପାରିଥାଉଁ । ଖ୍ରୀଷ୍ଟଙ୍କ ଦ୍ୱାରା ମନୋନୀତ ହୋଇ ଅବଶିଷ୍ଟ ଲୋକମାନଙ୍କ ସହିତ ଶକ୍ତିପ୍ରାପ୍ତ ହୋଇ ଯିହୁଦୀମାନଙ୍କ ନିକଟକୁ ପଠାଗଲେ ( ମାଥିଉ ୧୦ : ୪-୧୫ ) । ତାଙ୍କୁ ସମର୍ପଣ କରିବା ଇଷ୍କାରିୟୋଥ ଯିହୁଦା ବୋଲି ମାଥିଉ, ମାର୍କ ସୁସମାଚାରରେ ଲିଖିତ ବାକ୍ୟରେ ଦେଖିପାରୁଛୁ । ଦ୍ରୋହି ଇଷ୍କାରିୟୋଥ ଯିହୁଦା ବୋଲି ଲୂକ ତାଙ୍କ ବିଷୟରେ ଲେଖିଲେ ( ଲୂକ ୬ : ୧୬ ) । ଶିଷ୍ୟମାନଙ୍କ ଟଙ୍କା ଥଳି ତାଙ୍କ ହାତରେ ଥିଲା । ସେ ତାଙ୍କର ପ୍ରୟୋଜନୀୟ ଖର୍ଚ୍ଚ ଏବଂ ବ୍ୟକ୍ତିଗତ ଆବଶ୍ୟକୀୟ ଖର୍ଚ୍ଚ ସେଥିରୁ କରୁଥିଲା । ସେ ଖ୍ରୀଷ୍ଟଙ୍କ ମିତ୍ର ରୂପେ କୁହାଯାଉଥିଲେ ସୁଦ୍ଧା ଏ ସ୍ୱାର୍ଥପରତା ଲୋଭୀ ବୋଲି ଲୋକେ ବାରି ପାରୁଥିଲେ । ଯୀଶୁଖ୍ରୀଷ୍ଟଙ୍କ ପାଦରେ ମରିୟମ ବିଶୁଦ୍ଧ ଜଟାମାଂସୀ ତୈଳ ଲଗାଉଥିବା ସମୟରେ ସେ ସ୍ଥଗିତ କରିବାକୁ କହିଲେ । "ଏହି ତୈଳ ଦେଢ଼ଶ ଟଙ୍କାରେ ବିକ୍ରୟ କରାଯାଇ କାହିଁକି ଦରିଦ୍ରମାନଙ୍କୁ ଦିଆନଗଲା ?" ସେ ଯେ ଏପରି କହିବା ଦରିଦ୍ରମାନଙ୍କ ଚିନ୍ତା ପାଇଁ ନୁହେଁ । କିନ୍ତୁ ସେ ଜଣେ ଚୋର ହୋଇ ତାଙ୍କ ନିକଟରେ ଟଙ୍କା ଥଳି ଥିବାରୁ, ସେଥିରେ ଯାହା ୨ ରଖାଯାଇଥିଲା ତାହା ସେ ଚୋରି ନେଇ ଯାଉଥିଲା, ଏଣୁ ସେ ଏପରି କହିଲା" (ଯୋହନ ୧୨ : ୧-୬) । ଇଷ୍କାରିୟୋଥ ଯିହୁଦା ୧୨ ଜଣ ପ୍ରେରିତମାନଙ୍କ ମଧ୍ୟରୁ ଜଣେ ବୋଲି

ଗଣନା କରାଯିବା ସଙ୍ଗେ ସଙ୍ଗେ ସେବା ପଦରେ ଅଂଶଗ୍ରହଣ କରଥିଲ ବୋଲି ପିତର କହିଲେ (ପ୍ରେରିତ ୧ : ୧୭) । ଇଷ୍କାରିୟୋଥ ଯିହୁଦାଙ୍କ ଠାରେ ଶୟତାନ ପ୍ରବେଶ ହେଲା (ଯୋହନ ୧୩ : ୨୭) । ଟଙ୍କା ନିମନ୍ତେ ସେ ପ୍ରଭୁଙ୍କୁ ସମର୍ପଣ କଲେ (ମାଥିଉ ୨୬ : ୧୫) । ତାପରେ ସେ ଫାଶି ହୋଇ ମୃତ୍ୟୁ ବରଣ କଲେ (ମାଥିଉ ୨୭ : ୫) । ତାଙ୍କର ପାପ ବିଷୟରେ ପିତର କହିଲେ ଯିହୁଦା ହଜିଯାଇଛନ୍ତି ବା ପତିତ ହୋଇଛନ୍ତି (ପ୍ରେରିତ ୧ : ୨୫) ।

ଯିହୁଦା ହରାଇଥିବା ପ୍ରେରିତ ପଦକୁ, ପ୍ରେରିତମାନଙ୍କ ସମସ୍ତ ଯୋଗ୍ୟତା ତଥା ଅଂଶଗ୍ରହଣ କରଥିବା ମାଥିୟଙ୍କ ନାମରେ ନିର୍ଣ୍ଣିତ ହେବାର ଆମେ ପ୍ରେରିତ ବିବରଣ ପ୍ରଥମ ଅଧ୍ୟାୟରେ ଦେଖିପାରୁଛୁ (ପ୍ରେରିତ ୧ : ୨୬) । ପ୍ରେରିତ ହେବା ବ୍ୟକ୍ତି ଖ୍ରୀଷ୍ଟଙ୍କର ପୁନରୁତ୍ଥାନର ସାକ୍ଷୀ ହେବା ଆବଶ୍ୟକ ବୋଲି ପିତର କହିଥିଲେ (ପ୍ରେରିତ ୧ : ୨୨) । ସେହିପରି ଯୋଗ୍ୟତା ଥିବା ଦୁଇଜଣ ବ୍ୟକ୍ତି ଯୋସେଫଙ୍କୁ ଯାହାଙ୍କୁ ବର୍ଶବ୍ବା ବୋଲି କୁହନ୍ତି । ମାଥିୟଙ୍କୁ ପୃଥକ୍ କରି ହେ ସର୍ବାନ୍ତର୍ଯ୍ୟାମୀ ତୁମ୍ଭେ ମନୋନୀତ କରି ଦେଖାଇଦିଅ ବୋଲି ପ୍ରାର୍ଥନା କରି ସେହି ଦୁଇ ଜଣଙ୍କ ନିମନ୍ତେ ଗୁଲିବାଣ୍ଟ କରିବାରୁ ମାଥିୟ ନାମରେ ଗୁଲି ଉଠିଲା । ସେଥିରେ ସେ ଏକାଦଶ ପ୍ରେରିତଙ୍କ ସହିତ ଗଣିତ ହେଲେ । (ପ୍ରେରିତ ବିବ: ୧ : ୨୧-୨୬) ।

ଏହି ବାରଜଣ ପ୍ରେରିତମାନଙ୍କ ବ୍ୟତିତ : ପ୍ରେରିତ ପାଉଲଙ୍କ ବିଷୟରେ ମଧ୍ୟ ଆମେ ନୂତନ ନିୟମରେ ପଢ଼ିପାରୁ । ପ୍ରେରିତ ହେବା ବ୍ୟକ୍ତି ପ୍ରଭୁଙ୍କୁ ଦେଖିଥିବା ଆବଶ୍ୟକ ଥିଲା । ପ୍ରକୃତରେ ପାଉଲ ପ୍ରଭୁଙ୍କୁ ଦେଖିଲେ । ଆମ ପ୍ରଭୁ ଜଗତରେ ରହିଥିବା ସମୟରେ ସେ ତାଙ୍କ ଉପଦେଶ ପ୍ରାପ୍ତ ହୋଇ ନଥିଲେ ମଧ୍ୟ ସେ ପୁନରୁତ୍ଥିତ ପ୍ରଭୁଙ୍କୁ ଦେଖିଲେ । "ଅକାଳ ଜାତପରି ଜଣେ ଯେ ମୁଁ ସେ ମୋତେ ମଧ୍ୟ ଦର୍ଶନ ଦେଲେ" ବୋଲି ୧ମ କରନ୍ଥି ୧୫ : ୮ ରେ କହିଲେ । ପାଉଲଙ୍କ ପରେ ଆଉ କଏ ପ୍ରେରିତ ଥିଲେ "ସେ ସମସ୍ତଙ୍କ ଅପେକ୍ଷା ଶେଷରେ ଥିବା ଲୋକକୁ" ବୋଲି ବ୍ୟବହାର କରି ନଥାନ୍ତେ । ପରିଶେଷରେ ପାଉଲଙ୍କୁ ଦେଖା ହୋଇ ତାପରେ ଆଉ କାହାକୁ ଦୃଶ୍ୟମାନ ହୋଇ ନଥିଲେ । ତେଣୁକରି

ବର୍ତ୍ତମାନ ପ୍ରେରିତର ଯୋଗ୍ୟତା ନଥାଇ ମଧ୍ୟ ପ୍ରେରିତ ରୂପେ ଡ଼କା ଯିବା ବାକ୍ୟ ବିରୁଦ୍ଧ ବିଷୟ । (ସେ କାଳରେ ଜନ୍ମ ଗ୍ରହଣ କରି ପାଉଲ ତାଙ୍କ ବିଷୟରେ ଜଣାଇବା ଦ୍ୱାରା ସେ ସମାନ ଭାବେ ଅନ୍ୟ ପ୍ରେରିତମାନଙ୍କ ପରି ନ ହୋଇ ଅସମାନ୍ୟ ରୂପେ ହୋଇଥିବା ପ୍ରେରିତ ବୋଲି ନିଜ ବିଷୟରେ ସାକ୍ଷ୍ୟ ଦେଉଛନ୍ତି) । ପ୍ରଭୁଙ୍କ ମୃତ୍ୟୁର ଅଳ୍ପ କିଛି ବର୍ଷ ପରେ ସେ ଜନ୍ମଗ୍ରହଣ କରିଥିଲେ ସୁଦ୍ଧା ପ୍ରେରିତ ବୋଲି ଡ଼କାଯିବାକୁ ଇଚ୍ଛୁକ ନଥିଲେ । ପ୍ରଭୁଙ୍କ ମୃତ୍ୟୁର ଦୁଇ ହଜାର ବର୍ଷ ପରେ ଆଜି ଅନେକ ପ୍ରେରିତ ବୋଲି ଡ଼କା-ଯିବା ଏମାନଙ୍କ ବିଷୟରେ କଣ ଏମାନେ ମିଥ୍ୟା ପ୍ରେରିତ ନୁହନ୍ତି କି ?

ଦମ୍ମେସକକୁ ଯାଉଥିବା ପଥ ମଧ୍ୟରେ ପ୍ରଭୁ ପାଉଲଙ୍କୁ ଦେଖା-ହୋଇ "ତୁମ୍ଭେ ଆମ୍ଭର ଯେଉଁ ୨ ଦର୍ଶନ ପାଇଅଛ ଓ ପାଇବ, ସେହି ସମସ୍ତ ବିଷୟରେ ସାକ୍ଷୀ ସ୍ୱରୂପ ମନୋନୀତ କରିବା ଉଦ୍ଦେଶ୍ୟରେ ତୁମ୍ଭଙ୍କୁ ଦର୍ଶନ ଦେଉଅଛୁ" (ପ୍ରେରିତ ୨୬ : ୧୬) ବୋଲି କହିଲେ । ପ୍ରେରେପିତ ହେବା ପାଇଁ ପାଉଲଙ୍କୁ କୌଣସି ମନୁଷ୍ୟ କହି ନଥିଲେ କିନ୍ତୁ ପ୍ରଭୁ ହିଁ ଆହ୍ୱାନ କଲେ । "ମନୁଷ୍ୟ ଠାରୁ ନୁହେଁ, କି ମନୁଷ୍ୟ ଦ୍ୱାରା ନୁହେଁ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା, ପରମେଶ୍ୱରଙ୍କ ଦ୍ୱାରା ନିର୍ବାଚିତ ପାଉଲ ମୁଁ ଅଛି… …" ବୋଲି ସେ ଗାଲାତୀୟମାନଙ୍କୁ ଆପଣା ପରିଚୟ ଦିଅନ୍ତି (ଗାଲାତୀ ୧ : ୧) । ଅନ୍ୟ ପ୍ରେରିତମାନଙ୍କ ପରି ପରମେଶ୍ୱରଙ୍କ ପ୍ରତ୍ୟା-ଦେଶ ଦ୍ୱାରା ସେ ସୁସମାଚାର ପ୍ରାପ୍ତ ହେଲେ । "ତାହା ମନୁଷ୍ୟର ମତାନୁ-ଯାୟୀ ନୁହେଁ, ଯେଣୁ ମୁଁ ତାହା ମନୁଷ୍ୟ ଠାରୁ ପାଇନାହିଁ କିଅବା ଶିକ୍ଷା କରିନାହିଁ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ପ୍ରତ୍ୟାଦେଶ ଦ୍ୱାରା ପାଇଅଛି" ବୋଲି ସେ କହିଲେ (ଗାଲାତୀ ୧ : ୧୨) । ଅବଶିଷ୍ଟ ପ୍ରେରିତଗଣ ତାହାଙ୍କୁ କୌଣସି ଉପଦେଶ ଦେଇନାହାନ୍ତି (ଗାଲାତୀ ୨ : ୧୬) । ସେ ବିଜାତୀୟମାନଙ୍କ ନିକଟରେ ସୁସମାଚାର ପ୍ରଚାର ପାଇଁ ପ୍ରତ୍ୟକ୍ଷ ଭାବେ ହେବା ପ୍ରେରିତ (ଗାଲାତୀ ୨ : ୭-୯) । ପ୍ରେରିତମାନେ ସମଗ୍ର ଜଗତକୁ ଯାଇ ସର୍ବସୃଷ୍ଟିଙ୍କ ସୁସମାଚାର ପ୍ରଚାର କରିବା ପାଇଁ ମନୋନୀତ ବ୍ୟକ୍ତିଗଣ । ସେମାନେ କେବଳ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିଥିଲେ । ସୁସମାଚାର ବିଶ୍ୱାସ କରି ବାପ୍ତିସ୍ମ ଗ୍ରହଣ କରିବା ଲୋକେ ରକ୍ଷାପ୍ରାପ୍ତ ହେବେ କି ଯେ ଅବି-ଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ବୋଲି ଯୀଶୁ କହିଲେ । ଆପଣ ସୁସ-ମାଚାର ଆଜ୍ଞାବହ ହେବାକୁ ଇଚ୍ଛା କରୁଛନ୍ତି କି ?

## ଯୀଶୁଙ୍କୁ ଫିଲିପ୍ପ ଯେପରି ଜାଣିଥିଲେ .......

ଫିଲିପ୍ପ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାଦଶ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ । ସେ ବେଥସାଇଦାର ଲୋକ ଥିଲେ । ଫିଲିପ୍ପ ଉପସ୍ଥିତ ଥିବା କେତେଗୁଡ଼ିଏ ଘଟଣାବଳୀ ବିଷୟରେ ପ୍ରେରିତ ଯୋହନ ଆପଣା ସୁସମାଚାରରେ ଲେଖିଛନ୍ତି । ପ୍ରତି ଘଟଣା ଦ୍ୱାରା ଫିଲିପ୍ପ ଯୀଶୁଖ୍ରୀଷ୍ଟଙ୍କୁ କପରି ଭାବେ ଜାଣିଥିଲେ ବର୍ଣ୍ଣନା କରାଯାଇଅଛି ।

ଯୀଶୁ ଯେତେବେଳେ କେତେକ ପ୍ରେରିତମାନଙ୍କୁ ଆହ୍ୱାନ କରିଥିଲେ । ଫିଲିପ୍ପ ତାହାଙ୍କୁ ହଜି ଯାଇଥିବା ଆତ୍ମା ଗୁଡ଼ିକର ରକ୍ଷକ ରୂପେ ଜାଣି ପାରିଥିଲେ । ଯୋହନ କହନ୍ତି, "ତହିଁ ଆରଦିନ ଯୀଶୁ ଗାଲିଲୀକୁ ବାହାରିଯିବା ପାଇଁ ଇଚ୍ଛା କଲେ, ଆଉ ସେ ଫିଲିପ୍ପଙ୍କ ଦେଖାପାଇ ତାଙ୍କୁ କହିଲେ, ମୋହର ଅନୁଗମନ କର ।" (ଯୋହନ ୧:୪୩) କାରଣ "ଯାହା ହଜିଅଛି ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟ ପୁତ୍ର ଆସିଛନ୍ତି ।" (ଲୂକ ୧୯:୧୦)

ତାପରେ ପଦରେ ଫିଲିପ୍ପଙ୍କ ବିଷୟରେ କୁହାଯାଏ, "ଫିଲିପ୍ପ ନିଥନିୟେଲଙ୍କ ଦେଖା ପାଇ ତାଙ୍କୁ କହିଲେ, ଯାହାଙ୍କ ବିଷୟରେ ମୋଶା ବ୍ୟବସ୍ଥାରେ ଲେଖିଅଛନ୍ତି, ପୁଣି ଭାବବାଦୀମାନେ ମଧ୍ୟ ଲେଖିଅଛନ୍ତି, ଆମ୍ଭେମାନେ ତାହାଙ୍କର ଦେଖା ପାଇଅଛୁ, ସେ ଯୋଷେଫଙ୍କ ପୁତ୍ର ନାଜରିତୀୟ ଯୀଶୁ ।" (ଯୋହନ ୧:୪୩) ତାହାଙ୍କ ସୁସମାଚାର ଦ୍ୱାରା ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ଆହ୍ୱାନ କରିଅଛନ୍ତି । ତାହାଙ୍କ ଆହ୍ୱାନ ଗ୍ରହଣ କରି ଯେଉଁମାନେ ତାହାଙ୍କ ସମାଚାରର ଆଜ୍ଞାବହ ହୁଅନ୍ତି, ସେ ସେମାନଙ୍କୁ ଆପଣା ଶରୀର ରୂପ ମଣ୍ଡଳୀରେ ଯୋଗ କରନ୍ତି ? ଫିଲିପ୍ପଙ୍କ ସଦୃଶ୍ୟ ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୋଇଅଛୁ । ତାହାଙ୍କ ସଦୃଶ୍ୟ ଅନ୍ୟମାନଙ୍କ ନିକଟରେ ସେହି ସୁସମ୍ବାଦ ଜଣାଉ ଅଛନ୍ତି ?

ପାଞ୍ଚ ହଜାର ଲୋକଙ୍କୁ ଖାଦ୍ୟ ପରିବେଷଣ ସମୟରେ ଯୀଶୁ ଯେ ଆମ୍ଭମାନଙ୍କ ସମସ୍ତ ଆବଶ୍ୟକ ପୂରଣକାରୀ ପିତା ଅଟନ୍ତି ଏହା ଫିଲିପ୍ପ ଜାଣି ପାରିଥିଲେ । ବହୁ ସଂଖ୍ୟକ ଲୋକଙ୍କୁ ଆପଣା ନିକଟକୁ ଆସିବା ଦେଖି ଫିଲିପ୍‌ଙ୍କୁ ଯୀଶୁ କହିଲେ, "ଏମାନଙ୍କର ଭୋଜନ ନିମନ୍ତେ ଆମ୍ଭେ-ମାନେ କେଉଁଠାରୁ ରୋଟି କିଣିବା ? କିନ୍ତୁ ସେ ତାହାଙ୍କୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଏହା କହିଲେ, କାରଣ ସେ କଅଣ କରିବାକୁ ଯାଉଛନ୍ତି ତାହା ସେ ନିଜେ ଜାଣି ଥିଲେ ।" (ଯୋହନ ୬:୫-୬) ଯୀଶୁ ସେମାନଙ୍କୁ ଖାଦ୍ୟ ଯୋଗାଇବା ନିମନ୍ତେ ଚିନ୍ତିତ ନଥିଲେ ବରଂ ଫିଲିପ୍‌ଙ୍କ ହୃଦୟରେ ବିଶ୍ୱାସ ଜନ୍ମାଇବା ନିମନ୍ତେ ପ୍ରଭୁ ସେହିପରି ପ୍ରଶ୍ନ କରିଥିଲେ । "ଫିଲିପ୍ପ ତାହାଙ୍କୁ ଉତ୍ତର ଦେଲେ, ପ୍ରତ୍ୟେକ ଜଣ ଟିକିଏ ଟିକିଏ ପାଇବା ପାଇଁ ଏମାନଙ୍କ ନିମନ୍ତେ ଶହେ ଟଙ୍କାର ରୋଟୀ ଯଥେଷ୍ଟ ନୁହେଁ ।"

(ଯୋହନ ୬:୭)

ସଦା ସର୍ବଦା ଆମ୍ଭମାନଙ୍କ ସହବର୍ତ୍ତୀ ହୋଇଥିବା ପିତା ପରମେଶ୍ୱର ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କ ସମସ୍ତ ଅଭାବ ପୂରଣ କରନ୍ତି ବୋଲି ଫିଲିପ୍ପ ସେତେବେଳ ପର୍ଯ୍ୟନ୍ତ ବୁଝିପାରି ନଥିଲେ । ଯୀଶୁ କେବଳ ପାଞ୍ଚ ରୋଟୀ ଓ ଦୁଇ ମାଛ ଦ୍ୱାରା ବହୁ ସଂଖ୍ୟକ ଜନତାଙ୍କୁ ପରିତୃପ୍ତ ଭାବେ ଭୋଜନ କରାଇଥିଲେ । ପ୍ରଭୁ ଆମ୍ଭମାନଙ୍କୁ ଖାଦ୍ୟ ଯୋଗାଇବେ ତେଣୁକରି ଆମ୍ଭେମାନେ କର୍ମ ନକରି ଅଳସୁଆ ଜୀବନ ଯାପନ କରିବା ବୋଲି ତାହାର ଅର୍ଥ ନୁହେଁ । ଯୀଶୁ ଆମ୍ଭମାନଙ୍କ ହସ୍ତକର୍ମରେ ଆଶୀର୍ବାଦ କରନ୍ତି କିନ୍ତୁ ଅଳସୁଆ ମାନଙ୍କ ଉପରେ ସେ ସନ୍ତୁଷ୍ଟ ନୁହନ୍ତି । (ଯାକୁବ ୧:୨୫, ୧ମ ଥେସ ୪:୧୧) ଯଦିଓ ଆକାଶର ପକ୍ଷୀମାନଙ୍କୁ ଈଶ୍ୱର ଆହାର ଯୋଗାନ୍ତି । (ମାଥିଉ ୬:୨୬) ସେମାନେ ତାହା ନ ଖୋଜିଲେ ପାଇ ପାରନ୍ତି ନାହିଁ । ଆମ୍ଭେମାନେ ପରିଶ୍ରମ ନ କଲେ, ଈଶ୍ୱର ଆମ୍ଭମାନଙ୍କ ପରିଶ୍ରମକୁ କିପରି ଆଶୀର୍ବାଦ କରିବେ ? (ମାଥିଉ ୬:୩୩) ଆମ୍ଭେମାନେ ତାହାଙ୍କ ସମାଚାର ପ୍ରଚାର କରିବା ବେଳେ, ସଦା ସର୍ବଦା ଆମ୍ଭମାନଂକ ସହିତ ସେ ରହିବେ ବୋଲି ପ୍ରତିଜ୍ଞା କରିଅଛନ୍ତି ।

(ମାଥିଉ ୨୮:୨୦)

ଯିରୂଶାଲମରେ ପର୍ବ ସମୟରେ ଉପାସନା କରିବା ନିମନ୍ତେ ଆସିଥିବା ଯାତ୍ରୀମାନଙ୍କ ମଧ୍ୟରେ କେତେକ ଗ୍ରୀକ ଲୋକ ଯୀଶୁଖ୍ରୀଷ୍ଟଙ୍କୁ ଦେଖିବାକୁ ଇଚ୍ଛାକରି ଫିଲିପ୍ପଙ୍କ ନିକଟକୁ ଆସିଥିଲେ । ଫିଲିପ୍ପ ଓ ଆନ୍ଦ୍ରିୟ ସେହି ଗ୍ରୀକ୍ ଲୋକମାନଙ୍କୁ ଯୀଶୁଙ୍କ ନିକଟକୁ ଆଣିଥିଲେ । ଯୀଶୁ ସେମାନଙ୍କୁ କହିଲେ ମନୁଷ୍ୟ ପୁତ୍ର ମହିମାନ୍ୱିତ ହେବା ନିମନ୍ତେ ସମୟ ଉପସ୍ଥିତ । ସତ୍ୟ ୨ ମୁଁ ତୁମ୍ଭମାନଙ୍କୁ କହୁଅଛି । ଗହମ ବୀଜ ଯଦି ମୃତ୍ତିକାରେ ପଡ଼ି ନ ମରେ ତାହାହେଲେ ତାହା ଏକମାତ୍ର ଥାଏ, କିନ୍ତୁ ଯଦି ମରେ ତାହାହେଲେ ବହୁତ ଫଳ ଫଳେ.......ଏବେ ମୋ ପ୍ରାଣ ଉଦ୍‌ବିଗ୍ନ ହୋଇଅଛି, ଆଉ ମୁଁ କଅଣ କହିବି ? ପିତଃ, ମୋତେ ଏହି ସମୟଠାରୁ ରକ୍ଷାକର ? କିନ୍ତୁ ଏଥି ସକାଶେ ତ ମୁଁ ଏହି ସମୟ ମଧ୍ୟକୁ ଆସିଅଛି । ପିତଃ, ଆପଣା ନାମ ମହିମାନ୍ୱିତ କର ।" (ଯୋହନ ୧୨: ୨୩-୨୪; ୨୭-୨୮) ଆପଣା ଇଚ୍ଛା ସାଧନ କରି ତାହାଙ୍କୁ ଗୌରବାନ୍ୱିତ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ କ୍ରୁଶୀୟ ମୃତ୍ୟୁ ଭୋଗିବା ନିମନ୍ତେ ଏହି ଜଗତରେ ଅବତୀର୍ଣ୍ଣ ହୋଇଥିଲେ ବୋଲି ଫିଲିପ୍ପ ଏହି ଘଟଣାରୁ ଜାଣି ପାରିଥିଲେ । "ସେଥିରେ ଆକାଶରୁ ଏହି ବାଣୀ ହେଲା, ଆମ୍ଭେ ତାହା ମହିମାନ୍ୱିତ କରିଅଛୁ, ଆଉ ପୁନର୍ବାର ମହିମାନ୍ୱିତ କରିବୁ ।"

(ଯୋହନ ୧୨:୨୮)

ଯୀଶୁ କ୍ରୁଶରେ ମୃତ୍ୟୁ ଭୋଗ କରିବେ ବୋଲି ପୂର୍ବରୁ ଜାଣିଥିଲେ । ତେଣୁ ସେ କହିଲେ, "ଆଉ ମୁଁ ଯଦି ପୃଥିବୀରୁ ଊର୍ଦ୍ଧ୍ୱକୁ ଉତ୍ଥିତ ହେବି, ତାହାହେଲେ ସମସ୍ତଙ୍କୁ ଆପଣା ନିକଟକୁ ଆକର୍ଷଣ କରିବି । ସେ କେଉଁ ପ୍ରକାର ମୃତ୍ୟୁଭୋଗ କରିବାକୁ ଯାଉଅଛନ୍ତି, ସେଥିର ସୂଚନା ଦେଇ ଏହା କହିଲେ । ସେ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ ଆପଣା ପ୍ରାଣ ଦେବା ନିମନ୍ତେ ଆପଣାକୁ ଅର୍ପଣ କରିଥିଲେ । ସେ ଆପଣା ସମ୍ମୁଖସ୍ଥ ଆନନ୍ଦ ନିମନ୍ତେ ଅପମାନ ତୁଚ୍ଛ ଜ୍ଞାନ କରି ଧୈର୍ଯ୍ୟ ସହ କ୍ରୁଶୀୟ ମୃତ୍ୟୁ ଭୋଗ କରି ଆମ୍ଭମାନଙ୍କ ପାପରୁ ମୁକ୍ତି ଦାନ କରି ଅଛନ୍ତି ।

ଯୀଶୁଙ୍କ ଜଗତର ଶେଷ ଭୋଜନ ସମୟରେ ସେ ଯେ ଏକମାତ୍ର ପଥ ଏହା ଫିଲିପ୍ପ ଜାଣିପାରି ଥିଲେ । ଯୀଶୁ କହିଲେ, ମୁଁ ପଥ, ସତ୍ୟ

ଓ ଜୀବନ । ମୋ ଦେଇ ନ ଗଲେ କେହୁ ପିତାଙ୍କ ନିକଟକୁ ଯାଏ ନାହିଁ । (ଯୋହନ ୧୪ : ୬) । ଫିଲିପ୍ପ ଯୀଶୁଙ୍କୁ କହିଲେ, "ପ୍ରଭୋ, ଆମ୍ଭମାନଙ୍କୁ ପିତାଙ୍କ ଦର୍ଶନ କରାଉନ୍ତୁ, ତାହା ଆମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ ।" (ଯୋହନ ୧୪:୮) ଯୀଶୁ ଏକମାତ୍ର ବ୍ୟକ୍ତି ଯେ କି ଈଶ୍ୱରଙ୍କ ଦର୍ଶନ କରାଇବାରେ ସକ୍ଷମ ବୋଲି ଜାଣି ଫିଲିପ୍ପ ଏହି ଅନୁରୋଧ ତାହାଙ୍କୁ କରିଥିଲେ । କିନ୍ତୁ ଯୀଶୁ ତାହାଙ୍କୁ ଉତ୍ତର ଦେଲେ, "ଫିଲିପ୍ପ ଏତେ-କାଳ ମୁଁ ତୁମ୍ଭମାନଙ୍କ ସାଙ୍ଗରେ ଅଛି । ଆଉ ତୁମ୍ଭେ କଅଣ ମୋତେ ଜାଣିଲ ନାହିଁ ? ଯେ ମୋତେ ଦର୍ଶନ କରିଅଛି, ସେ ପିତାଙ୍କୁ ଦର୍ଶନ କରିଅଛି । ଆମ୍ଭମାନଙ୍କୁ ପିତାଙ୍କୁ ଦର୍ଶନ କରାନ୍ତୁ ବୋଲି ତୁମ୍ଭେ କିପରି କହୁଅଛ ? (ଯୋହନ ୧୪:୯) ବାକ୍ୟ ସ୍ୱରୂପୀ ଈଶ୍ୱର ଆଦି କାଳରୁ ଈଶ୍ୱରଙ୍କ ସାଙ୍ଗରେ ଥିଲେ । ଆମ୍ଭମାନଙ୍କୁ ପିତାଙ୍କ ସହିତ ମିଳିତ କରା-ଇବା ନିମନ୍ତେ ମନୁଷ୍ୟ ଶରୀର ଧାରଣ କଲେ । (ଯୋହନ ୧ : ୧-୩, ୧୪,୧-୪)

ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା ଦ୍ୱାରା ତାହାଙ୍କ ବାକ୍ୟ ଆମ୍ଭ-ମାନଂକ ଅନ୍ତରରେ ବାସ କରେ । ତାହାଂକ ବାକ୍ୟର ଶକ୍ତି ଦ୍ୱାରା ଫିଲିପ୍ପ ଯୀଶୁଙ୍କୁ ଯେପରି ଭବେ ଜାଣିଥିଲେ, ଆମ୍ଭେମାନେ ମଧ୍ୟ ତାହାଙ୍କୁ ସେହିପରି ଭବେ ଜାଣିବାକୁ ସମର୍ଥ ହୋଇ ପାରିବା । ତାହାଂକ ଠାରେ ସଞ୍ଚିତ ପ୍ରେମ, ଶକ୍ତି ଓ ଐଶ୍ୱରିକତ୍ୱ ବିଷୟକ ଜ୍ଞାନରେ ହିଁ ଆମର ମୁକ୍ତି । କାରଣ "ଖ୍ରୀଷ୍ଟଂକ ଠାରେ ସମ୍ପୂର୍ଣ୍ଣ ଈଶ୍ୱରତ୍ୱ ଦେହବିନ୍ତ ହୋଇ ବାସ କରେ । (କଲସୀ ୧:୯)

—ROYCE FREDEICK

ଭୁବନେଶ୍ୱର ପ୍ରେସ, କଟକରଜପୁର ।

# THE BIBLE TEACHES

## 2 Tim 3:16, 17

INTRODUCTION :

1. There are many creeds and manuals of men and along with such is denominationalism
2. We should not be concerned with what man says but what the Bible teaches when it comes to religious matters.
3. The Bible teaches the truth and as long as we follow the same then all will be well with us.

DISCUSSION :--

**A. The Bible Teaches.**

1. That God is (Heb. 11:6).
2. That Christ is the Son of God (John 3:16).
3. That Christ died for the sins of the world (Rom. 5:8).
4. That one must obey the gospel to be saved (Mk. 16:15, 16).
5. That one must hear the truth (Rom. 10:17).
6. That one must believe (Rom. 10:10).
7. That one must repent of his sins (Acts. 17:30).
8. That one must confess Christ before men (Matt. 10:32).
9. That one must be baptized to be saved (1Pet. 3:21).
10. That the saved are added to the Lord's church (Acts. 2:47).
11. That one must be a Christian and Christian only (1Pet. 4:16).
12. That one must worship God in spirit and in truth (John 4:24).
13. That one must work out his salvation (Phil. 2:12).
14. That one must be faithful unto death (Rev. 2:10).
15. That there is but one faith (Eph. 4:5).
16. That there is but one church (Eph. 4:4).
17. That baptism is a burial (Col. 2:12).
18. That the truth makes free (John 8:32).
19. That one must die (Heb. 9:27).
20. That one will be judged according to his works (2Cor. 5:10).

21. That there is a heaven (John 14:1-3).
22. That there is a hell (Matt. 25:46).

**B. The Bible Is :**

1. The book of God (Ps. 119:105).
2. To be accepted (Rev. 22:18, 19).
3. To be obeyed (James 1:22).

CONCLUSION :

1. One can't go wrong as long as he follows Bible teaching.
2. The Bible will lead one from this life to the life that is to come.
3. We are to live by the Bible in this life and thus one day to be judged according to the things that are written there in.

**- J. C. Choate.**

---

From
**SATYA VANI**
P.o. Box 80
KAKINADA - 533 001
Printed Book only

To

(FOR PRIVATE CIRCULATION ONLY)